# Akashvani, Sambalpur

## SAMBALPURI NEWS BULLETIN

### 11 August 2024- 6.47- 6.52 am.

*************************************************

ହର୍‌ଘର୍ ତିରଙ୍ଗା-ପ୍ରଧାନ୍‌ମନ୍ତ୍ରୀ ଆର୍‌ଏନ୍‌ୟୁ / ସମ୍ବଲପୁର

ସ୍ୱାଧୀନତା ଦିବସ୍ ଅବ୍‌ସରେ ହର୍‌ଘର୍ ତିରଙ୍ଗା ଅଭିଯାନ୍‌କେ ଜନଆନ୍ଦୋଳନ୍ କର୍‌ବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ୍ ଦେଇଛନ୍ ।

ସେନ୍ତା ହର୍‌ଘର୍ ତିରଙ୍ଗା ଅଭିଯାନ୍‌ଥି ସାମିଲ୍ ହେବାର୍‌କେ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀଙ୍କର୍ ଆହ୍ୱାନ୍ ସାଙ୍ଗେ ଜୁଡ଼ି ହେବାର୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସବୁ ଓଡ଼ିଶାବାସୀଙ୍କୁ ଅନୁରୋଧ୍ କରିଛନ୍ । ମୁଖ୍ୟମନ୍ତ୍ରୀ ତାଙ୍କର ବାର୍ତାଥି କହିଛନ୍ ଯେ, ଜାତୀୟ ପତାକାର୍ ମହତ୍ ବାବ୍‌ଦେ ସମସ୍ତଙ୍କୁ ଜନାବାର୍‌ଟା ହର୍‌ଘର୍ ତିରଙ୍ଗା ଅଭିଯାନ୍‌ର ଉଦ୍ଦେଶ୍ୟ ଆଏ । ଇ ଅଭିଯାନ୍‌ଥି ସଭେ ନିଜର୍ ଘରେ ଜାତୀୟ ପତ୍‌କା ଉତୋଲନ୍ କରିକରି ନିଜର୍ ସେଲ୍‌ଫି ହର୍‌ଘର୍ ତିରଙ୍ଗା ଡଟ୍‌କମ୍‌ଥି ଅପ୍‌ଲୋଡ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ଅନୁରୋଧ୍ କରିଛନ୍ ।

ହର୍‌ଘର୍ ତିରଙ୍ଗା-୧ ଆର୍‌ଏନ୍‌ୟୁ /ସମ୍ବଲପୁର

ଇ ବଛର୍ ଜିଲ୍ଲାସ୍ତର ନ ଆଏବା କାଏଲ୍‌ନୁ ୧୫ ତାରିଖ୍‌ତକ୍ ହେବାର୍‌କେ ଥିବା ହର୍‌ଘର୍ ତିରଙ୍ଗା ଅଭିଯାନ୍ ସହେତେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ୍ କାର୍ଯ୍ୟକ୍ରମ୍‌ଥି ଓଡ଼ିଆ ଅସ୍ମିତାର୍ ଝଲକ୍ ଦେଖିବାର୍‌କେ ମିଲ୍‌ବା । ହର୍‌ଘର୍ ତିରଙ୍ଗା ଅଭିଯାନ୍ ଆଉ ସ୍ୱାଧୀନତା ଦିବସ୍ କାର୍ଯ୍ୟକ୍ରମ୍‌କେ ସଫଲତାର୍ ଲାଗି ନିଷ୍ଠାର୍ ସଙ୍ଗେ କାମ୍ କର୍‌ବାର୍‌କେ ସୂଚନା ଆଉ ଲୋକସମ୍ପର୍କ ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ସଞ୍ଜୟ କୁମାର୍ ସିଂ ଜିଲ୍ଲା ସୂଚନା ଆଉ ଲୋକସମ୍ପର୍କ ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ । ଗଲାକାଏଲ୍ ଆଭାସୀ ଜରିଏ ବିଭାଗ୍‌ର ବରିଷ୍ଠ ପଦାଧିକାରୀ ଆଉ ଜିଲ୍ଲାସ୍ତରୀୟ ଅଧିକାରୀମାନ୍‌କର୍ ସାଙ୍ଗେ ବୈଠକ୍ କରିକରି ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ୍ କାର୍ଯ୍ୟକ୍ରମ୍‌ଥି ସ୍ୱାଧୀନତା ସଂଗ୍ରାମୀ ଆର୍ ସେମାନ୍‌କର୍ ପରିବାର୍‌ର ସଦସ୍ୟ ପଦ୍ମ ପୁରସ୍କାର୍ ପ୍ରାପ୍ତ ବ୍ୟକ୍ତିମାନ୍‌କୁ ସମ୍ବର୍ଦ୍ଧିତ୍ କର୍‌ବାର୍ ପଦକ୍ଷେପ୍ ବାବ୍‌ଦେ ସେ ସମୀକ୍ଷା କରିଥିଲେ ।

ସୁଭଦ୍ରା ଯୋଜ୍‌ନା ଏସ୍‌ଓପି ହିନ୍ଦୁସ୍ଥାନ୍ ସମାଚାର୍

ରାଏଜେ ଆଏବା ୧୫ ତାରିଖ୍ ଦିନ ସୁଭଦ୍ରା ଯୋଜ୍ନାର୍ ଏସ୍ଓପି ଆଏବା ଆଉ କେନ୍ମାନେ ସେଥିର୍ ସୁଫଲ୍ ପାଏବେ ହେଟା ଜନାପଡ଼୍ବା ବଲି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ସେ କହିଛନ୍ ଯେ, ସୁଭଦ୍ରା ଯୋଜ୍ନାର୍ ଲାଗି ବଜେଟ୍‌ଥି ୧୦ ହଜାର୍ କୋଟି ଟଙ୍କାର୍ ବ୍ୟବସ୍ଥା କରାଯାଇଛେ । ହେଲେ ଦର୍କାର୍ ପଡ଼୍ଲେ ହେଟା ବଢ଼୍ବା । ଆଏବା ସେପ୍ଟେମ୍ବର୍ ୧୭ ତାରିଖ୍‌ନୁ ରାଏଜେ ଇ ଯୋଜ୍ନା ଲାଗୁ ହେବା ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ । ରାଏଜେ ଲକ୍ଷପତି ଦିଦିଙ୍କର୍ ସଂଖ୍ୟା ଭିଲ୍ ଯେନ୍ତା ବଢ଼୍ବା, ସେ ଦିଗେ ସର୍କାର୍ କାମ୍ କରୁଛନ୍ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ଡପ୍ଲର୍ ରାଡ଼ାର୍ ଆର୍ଏନ୍ୟୁ /ସମ୍ବଲପୁର

ପଶ୍ଚିମ ଓଡ଼ିଶା ଆର୍ ଛତିଶ୍‌ଗଡ଼୍‌ର ପାଣିପାଗ୍ ଉପ୍‌ରେ ନଜର୍ ରଖ୍‌ବାର୍‌କେ ଭାରତୀୟ ପାଣିପାଗ୍ ବିଭାଗ୍ ତର୍‌ଫୁ ସମ୍ବଲ୍‌ପୁର୍ ଲାଗି ଗୁଟେ ଡପ୍ଲର୍ ରାଡ଼ାର୍ ଅନାଯାଇଛେ । ଇଥିର୍‌ସବୁ ଯନ୍ତ୍ରପାତି ଆସିକରି ପୁହୁଁଚିଥିବାର୍ ବେଲେ ଇ ବଛର୍‌ର ଶେଷ୍‌ତକ୍ ଡପ୍ଲର୍ ରାଡ଼ାର୍ କାର୍ଯ୍ୟକ୍ଷମ୍ ହେଇପାରେ ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ପାରାଦ୍ୱୀପ୍

ଆର୍ ଗୋପାଲ୍‌ପୁର୍ ନ ଡପ୍‌ଲର୍ ରାଡ଼ାର୍ କାମ୍ କରୁଥିବାର୍ ବେଲେ ସମ୍ବଲ୍‌ପୁର୍ ଆର୍ ବାଲେଶ୍ୱର୍ ନ ହେଥିର୍‌ଲାଗି ଘର୍ ତିଆରି ସରିଯାଇଛେ ।

ଯୁକ୍ତ ୩ ନାଁଲେଖା ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଆଏବା କାଏଲ୍‌ନୁ ଯୁକ୍ତ ୩ ର ୨ ନମ୍ବର ଖେପ୍ ନାଁଲେଖା ଆବେଦନ୍ ମୁଲ୍ ହେବା ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ସୂଚ୍‌ନା ଅନ୍‌ସାରେ ଆଏବା ୨୬ ତାରିଖ୍‌ତକ୍ ସାମ୍ସ ୱେବ୍‌ସାଇଟ୍ ଜରିଏ ଆବେଦନ୍ ଲାଗି ସୁଯୋଗ୍ ମିଲ୍‌ବା । ଆଏବା ସେପ୍ଟେମ୍ବର୍ ୨ ତାରିଖ୍ ଦିନ ପହେଲା ମେଧା ତାଲିକା ବାହାର୍‌ବା ଆର୍ ଚୟନ ହେଇଥିବା ଛାତ୍ରଛାତ୍ରୀମାନେ ଆଏବା ମାସର୍ ୩ ନୁ ୬ ତାରିଖ୍ ଭିତ୍‌ରେ ନାଁ ଲେଖେଇପାର୍‌ବେ ।

ଆଇନ୍‌ମନ୍ତ୍ରୀ ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶାକେ ଏଭେ କେହି ଅନୁପ୍ରବେଶ୍‌କାରୀ ନାଇଁ ଆସି ଆର୍ ସେ ବାବ୍‌ଦେ କେହେନି ଖବର୍ ନାଇଁନ ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍

ହରିଚନ୍ଦନ୍ କହିଛନ୍ । ସେ କହିଛନ୍ ଯେ, ବାଂଲାଦେଶ୍ରୁ ଅସ୍ଥିରତା ଉତ୍ରୁ କୋଷ୍ଟଗାର୍ଡ଼ ଆର୍ ମେରାଇନ୍ ପୁଲିସ୍‌କେ ସତର୍କ ରହେବାର୍‌କେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ହେଲେ ପାସ୍‌ପୋର୍ଟ କି ଭୋଟର୍ ପରିଚୟପତ୍ର ବିନା ଓଡ଼ିଶା ନ ରହୁଥିବା ଅନୁପ୍ରବେଶ୍‌କାରୀମାନ୍‌କୁ ଖୁଜିକରି ବାହାର୍ କରାଯିବା ଆଉ ସେମାନ୍‌କୁ ନିୟମ୍ ଅନ୍‌ସାରେ ଦେଶୁ ପ୍ରତ୍ୟାର୍ପଣ କରାଯିବା ବଲି ଆଇନ୍‌ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

ମେଡ଼ିକାଲ୍ କାଉନ୍‌ସେଲିଂ-ପଞ୍ଜିକରଣ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ମେଡ଼ିକାଲ୍ କାଉନ୍‌ସେଲିଂ ଲାଗି ଗଲାକାଏଲ୍‌ନୁ ପଞ୍ଜିକରଣ୍ ମୁଲ୍ ହେଇଛେ ବଲି ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା -ଓଜେଇଇ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ସୂଚ୍‌ନା ଅନ୍‌ସାରେ ନିଟ୍-ୟୁଜି- ୨୦୨୪ ଥି ଉତୀର୍ଣ୍ଣ ଛାତ୍ରଛାତ୍ରୀମାନେ ଆଏବା ୧୪ ତାରିଖ୍ ଭିତ୍‌ରେ ପଞ୍ଜିକରଣ୍ କରିପାର୍‌ବେ ଆଉ ଅନ୍‌ଲାଇନ୍‌ଥି ନିଜର୍ ଡକ୍ୟୁମେଂଟ୍ ଦାଖଲ୍ କରିପାର୍‌ବେ । ଖାଲି ଓଡ଼ିଶା ବାସିନ୍ଦା ଛାତ୍ରଛାତ୍ରୀମାନ୍‌କୁ ରାଜ୍ୟ କୋଟା ମିଲ୍‌ବା ଆଉ

ସେମାନେ ଏମ୍‌ବିବିଏସ୍ ଆଉ ବିଡ଼ିଏସ୍ ପାଠ୍ୟକ୍ରମ୍‌ଥି ନାଁ ଲେଖେଇପାର୍‌ବେ ।

ସ୍କୁଲ୍- ରାକ୍ଷୀପୁନି ଆର୍‌ଏନ୍‌ୟୁ /ସମ୍ବଲପୁର

ଏତ୍‌କର ପର୍ବପର୍ବାଣୀଥି ଛାତ୍ରଛାତ୍ରୀମାନେ ସ୍କୁଲ୍‌କେ ରାକ୍ଷୀ ପିନ୍ଧିକରି ତିଲକ୍ ଆର୍ ମେହେନ୍ଦି ଲଗେଇକରି ଆସିପାର୍‌ବେ ସେଥିର୍‌ଲାଗି ସେମାନ୍‌କୁ ସ୍କୁଲ୍ କର୍ତୃପକ୍ଷ ଦଣ୍ଡିତ ନାଇଁ କରିପାରନ୍ ବଲି ଜାତୀୟ ଶିଶୁ ସୁରକ୍ଷା ଅଧିକାର୍ ଆୟୋଗ୍ ତର୍‌ଫୁ ଦେଶର୍ ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ର ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍‌କେ କୁହାଯାଇଛେ । ଆଗ୍‌କେ ରାକ୍ଷୀ ପୁନି ପରବ୍ ଆସୁଥିବାର୍ ବେଲେ ଚିଠିଥି ସ୍କୁଲ୍‌କେ ରାକ୍ଷୀ ପିନ୍ଧିକରି ଆସୁଥିବାର୍ ଛୁଆକୁ ଶାରୀରିକ ଆର୍ ମାନସିକ ନିର୍ଯ୍ୟାତନା ଦେବାର୍‌ଟା ଆଇନ୍ ଅନ୍‌ସାରେ ଦଣ୍ଡନୀୟ ବଲିକରି ଦର୍ଶାଯାଇଛେ ।

ସାମୂହିକ୍ ଔଷଧ ସେବନ ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ଜିଏମ୍‌ୟୁ ନ ଗଲାକାଏଲ୍ ଜିଲ୍ଲାସ୍ତରୀୟ ଫାଇଲେରିଆ ନିରାକରଣ୍ ଅଭିଯାନ୍‌ର

ସାମୂହିକ୍ ଔଷଧ ସେବନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ସମ୍ବଲ୍‌ପୁର୍ ମହାନଗର୍ ନିଗମ୍‌ର ଆୟୁକ୍ତ ବେଦଭୂଷଣ ହେତାର୍ ଶୁଭାରମ୍ଭ କରିଥିଲେ ।

ପାଣିପାଗ/ହୀରାକୁଦ୍ ଜଲ୍‌ଭଣ୍ଡାର୍  ଆର୍‌ଏନ୍‌ୟୁ/ସମ୍ବଲପୁର

ରାଜ୍ୟର୍ କେତେ ଜାଗା ନ ଆଏବା ୨୪ ଘଂଟା ଭିତ୍‌ରେ ଘଡ଼୍‌ଘଡ଼ି ସାଙ୍ଗେ ମଧ୍ୟମ୍ ଧରଣ୍‌ର ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।
ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର ଆଏଜ୍ ସଖାଲର୍ ୬ ବଜେତକ୍ ୬ ଶହ ୧୩ ଦଶ୍‌ମିକ୍ ୨/୫ ଫୁଟ୍ ରହିଛେ । ଜଲ୍‌ଭଣ୍ଡାର୍‌କେ ଫି ସେକେଣ୍ଡ୍‌ଥି ୨ ଲାଖ୍ ୧୪ ହଜାର୍ ୨ ଶହ ୯୦ ଘନଫୁଟ୍ ପାଏନ୍ ଆସୁଛେ । ୧୦ ଟା ଗେଟ୍, ପାୱାର୍ ଚେନାଲ୍ ଆର୍ କେନାଲ୍ ଜରିଏ ଫି ସେକେଣ୍ଡଥି ୧ ଲାଖ୍ ୯୦ ହଜାର୍ ୨ ଶହ ୧୫ ଘନଫୁଟ୍ ପାଏନ୍ ଛଡ଼ାଯାଉଛେ ।